# Akashvani, Sambalpur
# SAMBALPURI NEWS MORNING BULLETIN
## 27 June 2026 - 6.47- 6.52 am.

---

ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ ଆଇ ଆଣ୍ଡ୍ ପି.ଆର୍

ରାଏଜେ ମହିଳାମାନ୍‌କୁ ସଶକ୍ତ କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍ ଉଦ୍ୟମୀ ଓଡ଼ିଶା- ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ୍ ଆଉ ମହିଳା ଉଦ୍ୟମିତା ମଂଚ ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି କଲାହାଣ୍ଡି ଜିଲ୍ଲାର୍ କେସିଙ୍ଗା ଆଉ ଗଞ୍ଜାମ୍ ଜିଲ୍ଲାର୍ ବର୍‌ପାଲି ଠାନେ ଏମ୍‌ଏସ୍‌ଏମ୍‌ଇ ପାର୍କର ଉଦ୍‌ଘାଟନ୍ ଆଉ ୨୫ ଟା ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ର ଭିତିପ୍ରସ୍ତର୍ ଥାପ୍‌ନା ଆଉ ଉଦ୍‌ଘାଟନ୍ କର୍‌ବେ । ଇତାର୍‌ସହେତେ ବାଲେଶ୍ୱର୍ ନ ରାଇସ୍‌ମିଲିଂ କ୍ଲଷ୍ଟର୍ ଉଦ୍‌ଘାଟନ୍ ହେବାର୍ ସହେତେ ପାହାଳ ରସଗୋଲା କ୍ଲଷ୍ଟର୍‌ର ଭିତିପ୍ରସ୍ତର୍ ଥାପ୍‌ନା କରାଯିବା । କାର୍ଯ୍ୟକ୍ରମ୍‌ଥି ନୀତିଆୟୋଗ୍ ଉପାଧ୍ୟକ୍ଷ ଅଶୋକ କୁମାର୍ ଲାହିରି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ପରିଡ଼ା, ମସ୍ୟ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ ପ୍ରମୁଖ୍ ଉପସ୍ଥିତ୍ ରହେବେ ।

ମନ୍ କି ବାତ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ଉତ୍ସବ    ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ୩୫ ଆଉ ୩୬ ନମ୍ବର୍ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଓଡ଼ିଆ ଚଳଚ୍ଚିତ୍ର ଆମର୍ ଜାତିର୍ ଅସ୍ମିତାର୍ ପରିଚୟ ବଲି କହିଥିଲେ । କଲାକାର୍‌ମାନ୍‌କର୍ ସୁରକ୍ଷା ଆଉ ସିନ୍‌ମାର୍ ସର୍ବାଙ୍ଗୀନ୍ ବିକାଶ୍ ଲାଗି ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ନୂଆଁ ଚଳଚ୍ଚିତ୍ର ନୀତି ଲାଗୁ କର୍‌ବେ ବଲି ସେ ଘୋଷ୍‌ନା କରିଛନ୍ । ଉତ୍ସବ୍‌ଥି ୨୦୨୩ ବଛର୍ ଲାଗି ଶ୍ୟାମଲେନ୍ଦୁ ଭଟ୍ଟାଚାର୍ଯ୍ୟ ଆଉ ୨୦୨୪ ଲାଗି ନମ୍ରତା ଦାସ ଙ୍କୁ ମୋହନ୍ ସୁନ୍ଦର୍ ଦେବ୍ ଗୋସ୍ୱାମୀ ସମ୍ମାନ୍ ଦିଆଯିବାର୍ ସହେତେ ୬୨ ଟା ବିଭାଗ୍‌ର ଶ୍ରେଷ୍ଠ କଲାକାର୍ ସମ୍ମାନିତ୍ ହେଇଥିଲେ । ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓକେ ଦେଶର୍ ଗୁଟେ ପ୍ରମୁଖ୍ ଡିଜିଟାଲ୍ ପୋଷ୍ଟ ପ୍ରଡକ୍ସନ୍ ହବ୍ କରାଯିବା ବଲି କହିଛନ୍ । ଇତାର୍‌ସହେତେ ଓଡ଼ିଆ ସିନ୍‌ମାକେ ହଲ୍‌ନୁ ହଟେଇକରି ଅଲ୍‌ଗା ସିନେମାର୍ ପ୍ରଚାର୍ ପ୍ରସାର୍ କଲେ ସର୍‌କାରୀସ୍ତର୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଗଣଶିକ୍ଷା ମନ୍ତ୍ରୀ- ପଢ଼ାବହି ତ୍ରୁଟି ଆଇ ଆଣ୍ଡ୍ ପି.ଆର୍

ସ୍କୁଲ୍ ପଢ଼ା ବହିଥି ଦେଖାଦେଇଥିବା ଭୁଲ୍‌କେ ସୁଧ୍‌ରାବାର୍ ଲାଗି ଏସ୍‌ସିଇଆର୍‌ଟି ତର୍‌ଫୁ ୧୪ ଟା ସୁପାରିଶ୍ କରାଯାଇଛେ । ଇ ସୁପାରିଶ୍ ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କୁ ସଂଶୋଧିତ୍ ତଥ୍ୟ ଦିଆଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ଗଲାକାଏଲ୍ ଇଥିର୍‌ଲାଗି ଗଠନ୍ ହେଇଥିବା ୩ ଝନିଆ ତଦନ୍ତ କମିଟି ରାଜ୍ୟ ସର୍‌କାର୍‌ଙ୍କୁ ରିପୋର୍ଟ ଦେବାର୍ ଉତ୍‌ରୁ ୪ ଝନ୍‌କୁ ନିଲମ୍ବନ୍ କରାଯାଇଛେ ଆର୍ ୬ ଝନ୍‌କର୍ ଉପ୍‌ରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚ୍‌ନା ଦେଇଛନ୍ । ଇତାର୍‌ସହେତେ ଏସ୍‌ସିଇଆର୍‌ଟି ତର୍‌ଫୁ ମାଷ୍ଟର୍ ତ୍ରୁଟି ରେଜିଷ୍ଟର୍ ତିଆର୍ କରାଯିବା ଆଉ କ୍ୱାଲିଟି ଏସ୍ୟୁରାନ୍ସ ସେଲ୍ ଭିଲ୍ ଖୁଲାଯିବା । ପଢ଼ାବହିଥି ହେଇଥିବା ଭୁଲ୍‌କେ ପୁରାପୁରି ହଟାଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଧାନ୍‌ଘିନା      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଡାଲୁଆ ଧାନ୍‌ଘିନା ସମିଆକେ ଆଏବା ମାସ ୩ ତାରିଖ୍‌ତକ୍ ବଢ଼େଇଛନ୍ । ଧାନ୍‌ଘିନାନୁ ଯେନ୍ତା କେହି ଯୋଗ୍ୟ ଚାଷୀ ବାଦ୍ ନାଇଁ ପଡ଼୍‌ବେ ସେଥିର୍‌ଲାଗି ରାଜ୍ୟ ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ । ଇ ବାବ୍‌ଦେ ରାଜ୍ୟ ଯୋଗାଣ ବିଭାଗ୍ ତର୍‌ଫୁ ବର୍‌ଗଡ଼୍, ବଲାଙ୍ଗିର୍, ବୌଦ୍ଧ, ଝାର୍‌ସୁଗୁଡ଼ା, କଲାହାଣ୍ଡି, ନୂଆପଡ଼ା, ସମ୍ବଲପୁର୍, ସୁବର୍ଣ୍ଣପୁର୍ ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲା ସହେତେ ୨୦ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ କୁହାଯାଇଛେ । ଯେନ୍ ଚାଷୀମାନ୍‌କର୍ ଟୋକନ୍ ସମିଆ ରହିଛେ ସେମାନେ କେନ୍ତାକରି ଧାରିଜ୍ ସମିଆ ଭିତ୍‌ରେ ମଣ୍ଡିକେ ଧାନ୍ ଆନ୍‌ବେ ତାର୍ ବନ୍ଦୋବସ୍ତ କର୍‌ବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ପରାମର୍ଶ ଦିଆଯାଇଛେ ।

ପାରାଦ୍ୱୀପ- ଉଷା ପାଢ଼ୀ      ଆଇ ଆଣ୍ଡ୍ ପି.ଆର୍

ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ପାରାଦ୍ୱୀପ୍ ଯାଇକରି ଭିନ୍ ଭିନ୍ ଭିତିଭୂମି ଆଉ ଜନକଲ୍ୟାଣ୍‌କାରୀ ପ୍ରକଳ୍ପମାନ୍‌କର୍ କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ । ସହରୀବିକାଶ୍‌ର ଗତିକେ ତୁର୍‌ତି କର୍‌ବାର୍ ଆର୍ ନାଗରିକ୍ ସେବାର୍ ମାନକେ ବଢ଼ାବାର୍ ତାଙ୍କର୍ ଇ ଗସ୍ତର ମୂଲ୍ ଉଦ୍ଦେଶ୍ୟ ଥିଲା ।  ଗସ୍ତ ଅବ୍‌ସରେ ଶ୍ରୀମତୀ ପାଢ଼ୀ ସହର୍ ବର୍ଜ୍ୟବସ୍ତୁ ବ୍ୟବସ୍ଥାପନ୍ କେନ୍ଦ୍ର ପରିଦର୍ଶନ୍ କରିକରି କଠିନ୍ ବର୍ଜ୍ୟ ପ୍ରକ୍ରିୟାକରଣ୍ ଆଉ ପରିବେଶ୍ ଅନୁକୂଳ ପରିଚାଳନା ବ୍ୟବସ୍ଥାର୍ ଅନୁଧ୍ୟାନ୍ କରିଥିଲେ । ତାର୍ ଉତ୍‌ରୁ ପାରାଦ୍ୱୀପ୍ ନ ପ୍ରସ୍ତାବିତ୍ କନ୍‌ଭେନ୍‌ସନ୍ ସେଂଟର୍ ଜାଗା ବୁଲିକରି ଅଧିକାରୀମାନ୍‌କର୍ ସାଙ୍ଗେ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରିଥିଲେ । ତାର୍ ଛଡ଼ା ଗୁଟେ ସମୀକ୍ଷା ବୈଠକ୍‌ଥି ଶ୍ରୀମତୀ ପାଢ଼ୀ ବିକାଶ୍‌ମୂଲକ୍ ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସମ୍ବଲ୍‌ପୁର୍, ଦେବ୍‌ଗଡ଼୍ ସହେତେ ୧୯ ଟା ଜିଲ୍ଲା ନ ଜବର୍ ଧୁକାଗର୍ଡ଼ି ସାଙ୍ଗେ ଚଡ଼କ୍ ମାର୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚନା ଜାରି କରାଯାଇଛେ । ଆଏବା ୫ ଦିନ ତକ୍ ଚଡ଼କ୍ ମାରିକରି ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ପାଖାପାଖି ସବୁ ଜିଲ୍ଲାକେ ସତର୍କ କରାଯାଇଛେ ।